بسم الله الرحمن الرحيم

# ୨୫ ଜୁଲାଇ ୨୦୧୪ ଖୁତ୍‌ବାଃ ଜୁମା

**ସ୍ଥାନ: ମସଜିଦ୍ ବୈତୁଲ୍ ଫୁତୁହ,ଲଣ୍ଡନ** **ସୌଜନ୍ୟ:ନଜାରତ ନଶରୋ ଇଶାଅତ୍ କାଦିୟାନ୍**

**ଯେତେବେଳେ ମାନବ ଜାତିର ନିଜ ଭିତରେ କୌଣସି ଏକତା ରହେ ନାହିଁ ଓ ସଂହତି ଲୋପ ପାଇଯାଏ, ସେତେବେଳେ ଧରାପୃଷ୍ଠରୁ 'ଲୈଲତୁଲ୍ କଦର'ବୋଲାଉଥିବା ରମଜାନ୍‌ର ସୌଭାଗ୍ୟଶାଳୀ ରାତ୍ରୀକୁ ପ୍ରଭୁ ଉଠାଇ ନିଅନ୍ତି । କେବଳ ରହିଯାଏ ଅଜ୍ଞାନରେ ଭରା ଅନ୍ଧକାରମୟ ରାତି ଓ ବନ୍ଦ ହୋଇଯାଏ ସମସ୍ତ ପ୍ରକାର ଉନ୍ନତିର ଦ୍ୱାର । ଆମକୁ ପରସ୍ପର ମଧ୍ୟରେ ରହିଥିବା ତିକ୍ତତା ଓ ମନୋମାଳିନ୍ୟ ଦୂର କରିବା ପାଇଁ ଆସନ୍ତୁ ଆମେ ଏହି ରମଜାନ୍‌ରେ ପ୍ରୟାସ କରିବା । ଯାହା ଫଳରେ ବ୍ୟକ୍ତିଗତ ଭାବରେ ଲୈଲତୁଲ କଦର ମଧ୍ୟରୁ ଆମକୁ ପ୍ରକୃତ ଉପକାର ମିଳିପାରିବ । ଅଲ୍ଲାଃଙ୍କ ତରଫରୁ ସାମୁହିକ ଭାବେ ମଧ୍ୟ ଏହାର ଯେଉଁ ସୁଫଳ, ଯେଉଁ ଉନ୍ନତି, ଯେଉଁ ପୁରସ୍କାର ଓ ଯେଉଁ ସଫଳତା ଗୋଷ୍ଠୀଗତ ରୂପେ ଧାର୍ଯ୍ୟ କରାଯାଇଛି, ସେଥିରେ ମଧ୍ୟ ଆମେ ଭାଗୀଦାର ହୋଇପାରିବା ।**

ତଶହହୁଦ୍,ତାଉଜ୍ ଓ ସୁରା ଫାତିହା ଆବୃତ୍ତି କରିସାରି ହଜୁର[ଅବ] କହିଲେ,ରମଜାନ୍‌ର ଅନ୍ତିମ ପର୍ଯ୍ୟାୟ ଅତି ଶୀଘ୍ର ଶେଷ ହେବାକୁ ଯାଉଛି । ଏହି ଶେଷ ଦଶ ଦିନ ମଧ୍ୟରେ ମୁସଲମାନ ଦୁଇଟି ବିଷୟ ଉପରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ପ୍ରଥମଟି 'ଲୈଲତୁଲ୍ କଦର' ଓ ଦ୍ୱିତୀୟଟି 'ଜୁମ୍ମତୁଲ୍ ୱେଦା' । ତେବେ 'ଲୈଲତୁଲ କଦର'ର ମହତ୍ତ୍ୱ କ'ଣ ସେ ସମ୍ବନ୍ଧରେ ହଜରତ ମୁହମ୍ମଦ[ସଅ]ଙ୍କ ଦିବ୍ୟ କଥନ ବିଭିନ୍ନ ହଦିସରେ ସାବ୍ୟସ୍ତ ହୋଇଛି । ଏହି ପ୍ରସଙ୍ଗରେ ପବିତ୍ର କୋରାନରେ ମଧ୍ୟ ବର୍ଣ୍ଣିତ ଅଛି । କିନ୍ତୁ ଦ୍ୱିତୀ ପ୍ରସଙ୍ଗଟି ଜୁମ୍ମତୁଲ୍ ୱେଦା ସଂକ୍ରାନ୍ତରେ ମୁସଲମାନ ମାନଙ୍କର ଅନେକ ଭୁଲ ଧାରଣା ରହିଛି । ବିଶେଷତଃ ମୁସଲିମ୍ ପଣ୍ଡିତମାନେ ନିଜଆଡୁ ଏହାର ବ୍ୟାଖ୍ୟା କରି ନାନା ପ୍ରକାର ମନଗଢା ଓ କପୋଳ କଳ୍ପିତ ଧାରଣା ଲୋକମାନଙ୍କ ମନରେ ସୃଷ୍ଟି କରିଛନ୍ତି । ତେବେ ମୁଁ ଆଜି ଏହି ଦୁଇଟିଯାକ ବିଷୟରେ ସଂକ୍ଷେପରେ ଆଲୋଚନା କରିବି । ଏହାର ସତ୍ୟାସତ୍ୟ ଦିଗ ଓ ପୃଷ୍ଠଭୂମି ଉପରେ ଆପଣମାନଙ୍କ ସମ୍ମୁଖରେ କିଛି କହିବି ।

'ଲୈଲତୁଲ୍ କଦର' ବା ସୌଭାଗ୍ୟଶାଳୀ ରାତ୍ରି (Night of Dignity) ଏପରି ଏକ ଉତ୍କୃଷ୍ଟ ରାତି ଯେଉଁ ରାତିରେ ପ୍ରାର୍ଥନା ଗୃହୀତ ହେବାର ସବିଶେଷ ସୂଚନା ଭକ୍ତଙ୍କୁ ଦର୍ଶାଇ ଦିଆଯାଏ ଏବଂ ତା'ର ଗୁହାରିକୁ ନିଶ୍ଚିତ ରୂପେ ଅଲ୍ଲାଃ ଶୁଣନ୍ତି । ଏହି ରାତିରେ ଏକ ଚରମ ଉତ୍କର୍ଷତାର ଘଡି ମାଧ୍ୟ ଆସେ । ତେଣୁ ସେହି ମାହେନ୍ଦ୍ର ବେଳାର ସନ୍ଧାନରେ ରହି ଭକ୍ତ ତାକୁ ପାଇବାକୁ ଅନବରତ ପ୍ରୟାସ କରେ । ଏହି ରାତି ଏତେ ଶୁଭଙ୍କର ଓ ଭାଗ୍ୟଶାଳୀ ଯେ ଏହାର ଶ୍ରେଷ୍ଠତା ଦଶ ହଜାର ମାସ ସହିତ ସମାନ । ହଦିସରୁ ଜଣାପଡେ ଯେ ଲୈଲତୁଲ କଦର୍ କେଉଁ ତାରିଖରେ ଆସିବ,ସେହି ନିର୍ଦ୍ଧାରିତ ରାତିର ସୂଚନା ଯେତେବେଳେ ହଜରତ ମୁହମ୍ମଦ[ସଅ]ଙ୍କୁ ଦୈବୀବାଣୀ ମାଧ୍ୟମରେ ଜଣାଇ ଦିଆଗଲା,ସେ ଲୋକମାନଙ୍କୁ ଏହା କହିବା ପାଇଁ ଘର ଭିତରୁ ବାହାରକୁ ଆସିଲେ । କିନ୍ତୁ ଦେଖିଲେ, ଦୁଇଜଣ ମୁସଲମାନ ଆପୋଷରେ ଝଗଡା ଲାଗିଛନ୍ତି । ସେମାନଙ୍କ କଳହକୁ ମିମାଂସା କରିବାରେ ସେ କିଛି ସମୟ ଏପରି ବ୍ୟସ୍ତ ରହିଲେ ଯେ ସେହି ନିର୍ଦ୍ଦିଷ୍ଟ ତାରିଖଟିକୁ ପାଶୋରିଦେଲେ । କଳି ତୁଟାଇ ସାରି ଭାବିବା ବେଳକୁ ଆଉ ତାହା ତାଙ୍କର ମନେ ପଡିଲା ନାହିଁ । ହଦିସରେ ତାହାକୁ ଭୁଲାଇ ଦିଆଗଲା ବୋଲି ଉଲ୍ଲେଖ ଅଛି ।

ଅହମଦୀୟା ସଂପ୍ରଦାୟର ଦ୍ୱିତୀୟ ଖଲିଫା[ରଅ] ଲେଖିଛନ୍ତି ଯେ ପ୍ରଭୁଙ୍କ ଲୀଳା ଯୋଗୁଁ ସେହି ଶୁଭବେଳାର ସମ୍ବାଦକୁ ତାଙ୍କ ମାନସ ପଟରୁ କାଢି ନିଆଯାଇଥିଲା । ଆଉ ସେହି ତାରିଖଟି ନିର୍ଦ୍ଧାରିତ ହୋଇ ନ ରହିବା ଯୋଗୁଁ ମୁହମ୍ମଦ[ସଅ] ମୁସଲିମ ଉମ୍ମତ୍‌କୁ କହିଲେ, 'ତୁମେମାନେ ସେହି ଉତ୍କୃଷ୍ଟ ବେଳାକୁ ରମଜାନର ଶେଷ ଦଶ ଦିନର ବିଯୋଡ ସଂଖ୍ୟକ ରାତି ମଧ୍ୟରେ ସନ୍ଧାନ କର'। ତେବେ ଏହି ଘଟଣାରେ ଏକ ଗୁଢ଼ ରହସ୍ୟ ଲୁଚି ରହିଛି । ଦ୍ୱିତୀୟ ଖଲିଫା କୁହନ୍ତି ଯେ ଲୈଲତୁଲ କଦର୍‌ରେ ରହିଥିବା ତାତ୍ପର୍ଯ୍ୟ ସହିତ ଜାତୀୟ ସଂହତି ଓ ଏକତାର ନିଗୁଢ଼ ସଂପର୍କ ରହିଛି । ଉକ୍ତ ହଦିସକୁ ଶୁଣି ଆମେ ଖାଲି କହି ଦେଉଅଛେ, ଯଦି ସେହି ମୁସଲମାନ ଦୁଇଜଣ ନିଜ ଭିତରେ କଳି କରି ନ ଥା'ନ୍ତେ,ତା'ହେଲେ ସେହି ନିର୍ଦ୍ଦିଷ୍ଟ ତାରିଖଟିକୁ ଆମେ ଅବଶ୍ୟ ଜାଣି ପାରିଥା'ନ୍ତେ । ତେବେ ପ୍ରକୃତରେ ଏହା କାହିଁକି ଘଟିଲା ? ଚିନ୍ତା କଲେ ଜଣା ପଡିବ ଯେ,ଆମମାନଙ୍କ ମଧ୍ୟରେ ମତଭେଦ ଜନିତ ବିବାଦ ହିଁ ଏହାର ମୁଳ କାରଣ । ତେଣୁ ଯେଉଁ ଜାତି ବା ସଂପ୍ରଦାୟ ମଧ୍ୟରୁ ଏକତା ବା ଏକଜୁଟ ହେବା ଶକ୍ତି ଲୋପ ପାଇଯାଏ,ସେମାନଙ୍କ ମଧ୍ୟରୁ ଲୈଲତୁଲ କଦର୍‌କୁ ମଧ୍ୟ ଉଠାଇ ନିଆଯାଏ ।

ହଜୁର୍ ଅନ୍‌ୱର[ଅବ] କହିଲେ,ମୋତେ ଏହା ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନେକ ମୁସଲିମ ରାଷ୍ଟ୍ରର ଆଜି ଏହା ଦୁର୍ଭାଗ୍ୟ ଯେ ସେମାନଙ୍କ ମଧ୍ୟରେ ଏକତା ଓ ସଂହତି ରହିନାହିଁ । ପ୍ରଜା ସହିତ ପ୍ରଜାର ଝଗଡା, ଜାତିଆଣ ସଂଘର୍ଷ , ଗୋଷ୍ଠି ବିବାଦ ଓ ସରକାରଙ୍କ ନିଜ ପ୍ରଜାଙ୍କ ଉପରେ ଅତ୍ୟାଚାର ଚାଲିଛି । ଐକ୍ୟବଦ୍ଧତା ଆଜି କେବଳ କ୍ଷୁର୍ଣ୍ଣ ହୋଇ ନାହିଁ,ବରଂ ସେମାନେ ଅନ୍ୟାୟ ଓ ଜୁଲମର ବି ଶିକାର

ହେଉଛନ୍ତି । ଏକତା ଓ ଅଖଣ୍ଡତାର ଅଭାବ ଦେଖାଦେଇଥିବା ଯୋଗୁଁ ମୁସଲମାନଙ୍କ ବିରୁଦ୍ଧରେ ବାହାର ଦେଶର ଲୋକ ଉଦ୍ଧତ ହୋଇ ମନମୁଖୀ ଦମନଲୀଳା ଚଳାଇଛନ୍ତି । ସେହି କାରଣରୁ ଇସ୍ରାଇଲ ନିଷ୍ଠୁର ସାଜି ଆଜି ନିରୀହ ପାଲେଷ୍ଟାଇନ୍ ମୁସଲମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି । ଯଦି ମୁସଲମାନମାନଙ୍କ ମଧ୍ୟରେ ଏକତା ରହିଥା'ନ୍ତା ଓ ସେମାନେ ଅଲ୍ଲାଃଙ୍କ ପ୍ରଦର୍ଶିତ ମାର୍ଗରେ ଚାଲୁଥା'ନ୍ତେ, ତା'ହେଲେ ମୁସଲିମ ରାଷ୍ଟ୍ରଗୁଡ଼ିକ ଏତେ ଶକ୍ତିଶାଳୀ ଥାଇ ମଧ୍ୟ ଏପରି ଅତ୍ୟାଚାରକୁ ପ୍ରଶୟ ଦିଅନ୍ତେ ନାହିଁ । କୌଣସି ଦେଶ ସହିତ ଯୁଦ୍ଧ କରିବାର ଏକ ନିୟମ ରହିଛି । କେଉଁ ପରିସ୍ଥିତିରେ ଓ କେଉଁ ଉପାୟରେ ଯୁଦ୍ଧ କରାଯିବ,ତାହାର ମଧ୍ୟ କେତେକ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରାଯାଇଛି, ତେବେ ଇସ୍ରାଇଲ ଆଗରେ ପାଲେଷ୍ଟାଇନ୍‌ର ଶକ୍ତି ଅତି ତୁଚ୍ଛ । ସେମାନଙ୍କର ସାମନା କରିବାକୁ ସାହସ ନାହିଁ । ଯଦି ହମାସ୍ ପକ୍ଷରୁ ଜୁଲୁମ କରାଯାଉଛି, ତା'ହେଲେ ମୁସଲିମ ଦେଶଗୁଡ଼ିକ ସେମାନଙ୍କୁ ରୋକିବା କଥା । କିନ୍ତୁ ସେମାନେ ହାତ ଉପରେ ହାତ ବାନ୍ଧି ବସିଛନ୍ତି । ଏପରି ଲାଗୁଛି, ସତେ ଯେମିତି ଗୋଟିଏ ପକ୍ଷ ଠେଙ୍ଗା ବାଡ଼ିରେ ଅତ୍ୟାଚାର କରନ୍ତୁ ତ ଅନ୍ୟ ପକ୍ଷ ଏହା ବିରୁଦ୍ଧରେ ସେନାବାହିନୀ ଓ ତୋପ କମାଣ ଚଳାଇ ଅତ୍ୟାଚାର କରୁଛି । ମୁସଲିମ ଦେଶଗୁଡ଼ିକ ଏହାକୁ ଏପରି ବୁଝିଛନ୍ତି ଯେ କିଛି ଦିନ ପୂର୍ବେ ତୁର୍କୀରେ ଉକ୍ତ ଆକ୍ରମଣର ନିନ୍ଦା କରି କେବଳ ଶୋକପାଳନ କରିଦେଇ ନିଜ କର୍ତ୍ତବ୍ୟ ପୂରଣ ହୋଇଗଲା ବୋଲି ଭାବୁଛନ୍ତି । ସେହିପରି ପାଶ୍ଚାତ୍ୟ ଦେଶର ଶକ୍ତିଗୁଡ଼ିକ ନିଜର କର୍ତ୍ତବ୍ୟ ଠିକ୍ ରୂପେ ପାଳନ କରୁ ନାହାନ୍ତି । ଉଚିତ୍ ଥିଲା ଯେ ଏହି ସଂଘର୍ଷରୁ ଉଭୟ ପକ୍ଷ ନିବୃତ୍ତ ରହିବା ପାଇଁ ସେମାନେ କଠୋର ପଦକ୍ଷେପ ନେଇ ପାରିଥାନ୍ତେ ।

କିନ୍ତୁ ଏପରି ସ୍ଥିତିରେ ଆମେ ସେମାନଙ୍କ ପାଇଁ କେବଳ ଦୁଆ କରିବା ବ୍ୟତୀତ ଅନ୍ୟ ଗତି ନାହିଁ । ଅଲ୍ଲାଃ ସେହି ଅତ୍ୟାଚାରିତ ଓ ନଷ୍ପେସିତ ଲୋକମାନଙ୍କୁ ସେମାନଙ୍କ ଅତ୍ୟାଚାର କବଳରୁ ରକ୍ଷା କରନ୍ତୁ ଏବଂ ସେଠାରେ ଶାନ୍ତି ପ୍ରତିଷ୍ଠା ହେଉ । ସେହିପରି ମୁସଲିମ୍ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଯେଉଁ ଆଭ୍ୟନ୍ତରୀଣ ଗୋଷ୍ଠି କନ୍ଦଳ ବୃଦ୍ଧି ପାଉଛି, ସେଥିରୁ କ୍ଷାନ୍ତ ହେବା ପାଇଁ ଅଲ୍ଲାଃ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । କଲମା ପଢୁଥିବା ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନର ରକ୍ତରେ ଯେପରି ହୋଲି ଖେଳୁଛି, ତାହାର ଦାଉରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଆପଣା ଭିତରେ ଏକତା ଓ ସୌହାର୍ଦ୍ଦ୍ୟ ବଜାୟ ରହୁ । ଅନ୍ୟଥା ଅଲ୍ଲାଃଙ୍କ ଏବାଦତ କରିବାରେ ମୁସଲମାନଙ୍କ କର୍ତ୍ତବ୍ୟ ପୂରଣ ହେବ ନାହିଁ ଏବଂ ଲୈଲତୁଲ କଦର୍ ପରି ଭାଗ୍ୟଶାଳୀ ରାତ୍ରୀ ସେମାନଙ୍କ ଭାଗ୍ୟରେ ଜୁଟିବ ନାହିଁ । କାରଣ ଏହି ରାତିର ଚରମ ଉତ୍କର୍ଷତା ସେମାନଙ୍କ ପାରସ୍ପରିକ ଅମେଳ ଓ ଦ୍ୱନ୍ଦ୍ୱ ଯୋଗୁଁ ସବୁଦିନ ପାଇଁ ଉଠିଯିବ । କେବଳ ଅଜ୍ଞାନ ଅନ୍ଧକାରର କରାଳ କାୟା ସେମାନଙ୍କ ଭାଗ୍ୟରେ ଲିପିବଦ୍ଧ ହୋଇ ରହିବ । ସେମାନଙ୍କ କୌଣସି କାର୍ଯ୍ୟରେ ଉନ୍ନତି ସାଧିତ ହେବ ନାହିଁ ।

'ଲୈଲତୁଲ୍ କଦର'ର ଅର୍ଥ ହେଉଛି, ମନୁଷ୍ୟର ଆଗାମୀ ବର୍ଷ ପାଇଁ ଭାଗ୍ୟ ନିର୍ଦ୍ଧାରଣ କରୁଥିବା ରାତି । ଯହିଁରେ ମନୁଷ୍ୟ ଜୀବନରେ ଭଲ ମନ୍ଦ, ହାନି ଲାଭର ନିଷ୍ପତ୍ତି ନିଆଯିବ । ଜୀବନରେ କିପରି ପରିବର୍ତ୍ତନ ଆସିବ ଓ ତା'ର ଭାଗ୍ୟ ବଦଳିଯିବ ଏବଂ ସେ କିପରି ଉନ୍ନତି କରିବ,ଏହିସବୁ ବିଷୟରେ ଚୁଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଥାଏ । ପୁଣି ଏହି ସିଦ୍ଧାନ୍ତ'ଲୈଲ୍' ଅର୍ଥାତ୍ ଅନ୍ଧକାର ର ଘନ ଛାୟା ମଧ୍ୟରେ ନିଆଯାଇଥାଏ ।

ଆମର ନବିଶ୍ରେଷ୍ଠ ମୁହମ୍ମଦ[ସଅ] କହିଛନ୍ତି ଯେ ପ୍ରଭୁଙ୍କର ଯିଏ ଯେତେ ଅଧିକ ପ୍ରିୟପାତ୍ର ହୁଏ, ସେ ସେତେ ଅଧିକ ବିପତ୍ତିର ମଧ୍ୟ ସମ୍ମୁଖୀନ ହୁଏ । ଆମେ ଆଜି ସେହି ପରିସ୍ଥିତି ମଧ୍ୟ ଦେଇ ଗତି କରୁଛୁ । ଯେହେତୁ ଲୈଲତୁଲ୍ କଦର୍ ଆମ ଜୀବନରେ ଆସିଛି, ତେଣୁ ଦୁଃଖ କଷ୍ଟ ଭୋଗ କରିବା କାରଣରୁ ଆମକୁ ସେହି ତୀବ୍ରତାରେ 'ଲୈଲତୁଲ୍ ତଦର୍' ର ସନ୍ଧାନ ଚାଲୁ ରଖିବାକୁ ହେବ । ମନୁଷ୍ୟ କଷ୍ଟରେ ରହି ଛଟପଟ ହେଉଥିଲା ବେଳେ ହିଁ ଅଲ୍ଲାଃଙ୍କ ଛାମୁରେ ମୁଣ୍ଡ ନୁଆଁଇ ତାଙ୍କ ନିକଟରେ ଅଧିକ ଗୁହାରି ଜଣାଏ । ଦୁଆ କରିବା ପାଇଁ ମନ ତା'ର ଅଧିକ ବ୍ୟାକୁଳ ହୁଏ । ସେ ନିଜର ଚରିତ୍ରଗତ ସଂସ୍କାର କରେ ଓ ଜୀବନକୁ ଉନ୍ନତି ପଥରେ ଅଗ୍ରସର କରାଇବାରେ ସଫଳତା ଅର୍ଜନ କରେ । କିନ୍ତୁ ଯଦି ଆମେ ଏକତା ଓ ସଂହତିର ମାନକୁ ବଜାୟ ନ ରଖି ପାରି ଅକାରଣରେ ହଜେଇ ଦେବା,ତା'ହେଲେ ଲୈଲତୁଲ କଦର୍‌ରୁ ସଠିକ୍ ଭାବେ ଫାଇଦା ଉଠାଇ ପାରିବା ନାହିଁ । ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ ପାଇଁ ଯଦି ଆପଣ ତ୍ୟାଗ କରିବେ,ତେବେ ସଫଳତାର ନୂତନ ସୋପନକୁ ଛୁଇଁବେ, ଯାହା ଆପଣଙ୍କ ଜୀବନରେ ନୂତନ ରଂଗ ଭରିଦେବ । ପରସ୍ପର ମଧ୍ୟରେ ସାମ୍ୟଭାବ ଓ ଏକତା ରକ୍ଷା କେବଳ ଈଶ୍ୱରଙ୍କ ସନ୍ତୁଷ୍ଟି ପାଇଁ କରାଗଲେ ଉନ୍ନତିର ନୂତନ ଦିଗନ୍ତ ଆମେ ଦେଖିପାରିବା ।

ସୁତରାଂ'ଲୈଲତୁଲ୍ କଦର୍'ରୁ ଉପକୃତ ହେବା ପାଇଁ ଆମକୁ ଏହିସବୁ ବିଷୟକୁ ସାମ୍‌ନାରେ ରଖିବାକୁ ପଡିବ । ଏହି ସୌଭାଗ୍ୟଶାଳୀ ରାତି ଏକ ତ୍ୟାଗ ଚାହେ, ଯାହା ପ୍ରଭୁଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବା ଦରକାର । ଯଦି ତାହା ଗୃହୀତ ହୋଇଗଲା, ଏହାଠାରୁ ଭଳି ଲାଭଜନକ ବିଷୟ ଆଉ କିଛି ନାହିଁ । ତେଣୁ ଗ୍ରହଣଯୋଗ୍ୟ ତ୍ୟାଗ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଦୃଷ୍ଟାନ୍ତ ସ୍ୱରୂପ ଇସଲାମୀୟ ଯୁଦ୍ଧକୁ ନିଆଯାଉ । ବଦର୍ ଯୁଦ୍ଧର କୁଫାର୍ (ଅମାନ୍ୟକାରୀ) ଶତ୍ରୁ ପକ୍ଷର ଲୋକ ମଲେ ଓ ମୁସଲମାନ ବି ମଲେ । କିନ୍ତୁ ସେମାନଙ୍କ ଆତ୍ମବଳି ଓ ନିହତ ହେବା । ଲୈଲତୁଲ୍ କଦର୍ ନ ଥିଲା । କିନ୍ତୁ ସେହି ଯୁଦ୍ଧରେ ମୁସଲମାନମାନେ ଶହୀଦ୍ ହେବା ଲୈଲତୁଲ୍ କଦର ଥିଲା । କାରଣ ଈଶ୍ୱର ସେମାନଙ୍କ ତ୍ୟାଗକୁ ଗ୍ରହଣ କଲେ । ଆମକୁ ଏହି ନୀତି ମନେ ରଖିବାକୁ ହେବ ଯେ ଯେଉଁ ଦୁଃଖ କଷ୍ଟ ପାଇଁ ଅଲ୍ଲାଃ କୌଣସି ମୂଲ୍ୟ ଧାର୍ଯ୍ୟ କରନ୍ତି ନାହିଁ ,ତାହା କେବେ ଲୈଲତୁଲ୍ କଦର୍ ପଦବାଚ୍ୟ ନୁହେଁ, ବରଂ ତାହା ଈଶ୍ୱରଙ୍କ ଶାସ୍ତି ବା ବିଭୁ କୋପର ଚିହ୍ନ ।

ଅନେକ ଦେଶରେ ଅହମଦିମାନଙ୍କ ବିରୁଦ୍ଧରେ ନିର୍ଯ୍ୟାତନାର ଦୁଃଖଦ ପରିସ୍ଥିତି ସୃଷ୍ଟି କରାଯାଇଛି । ସେହି ଅବସ୍ଥା ଆମକୁ ନୂଆ ସକାଳର ପହିଲି କିରଣ ଭଳି ଶୁଭ ସୂଚନା ଦେଉଛି । ଏହି ଆଭାସ ଆମକୁ ଦର୍ଶାଉଛି ଯେ ଲୈଲତୁଲ୍ କଦର୍‌ର ସୁଫଳ ସ୍ୱରୂପ ଅତ୍ୟାଚାର ହେଉଥିବା ସ୍ଥାନରେ ଏପରିକି ପୃଥିବୀର ଦେଶ ଦେଶ ଓ ସହର ସହରରେ ଅହମଦିମାନଙ୍କ ଘରେ ଆଜି ନବଜାତ ଶିଶୁ ଜନ୍ମ ହେବାରେ ଲାଗିଛନ୍ତି । ବିଭିନ୍ନ କୋଣ ଅନୁକୋଣରେ ନିତ୍ୟ ନୂତନ ଜମାଅତ (ଶାଖା) ପ୍ରତିଷ୍ଠା ହୋଇ ଚାଲିଛି । ସୁତରାଂ ଲୈଲତୁଲ କଦରର ଉନ୍ନତି ଓ ଆଶୀଷକୁ ଅଧିକରୁ ଅଧିକ ସାଉଁଟିବା ପାଇଁ ଆମମାନଙ୍କୁ ଏହି ସଂକଳ୍ପ କରିବା ଉଚିତ ଯେ ପୂର୍ବଠାରୁ ଦୃଢ଼ ଭାବେ ଆମେ ଏକତାବଦ୍ଧ ହେବା । ଯଦି ଆମ ଭିତରେ ଏଥିରେ କୌଣସି ଫାଟ ସୃଷ୍ଟି ହୁଏ କିମ୍ବା ତ୍ରୁଟି ବିଚ୍ୟୁତି ଦେଖାଦିଏ, ତା'ହେଲେ ତାକୁ ଯଥାଶୀଘ୍ର ସୁଧାରି ନେବା ଉଚିତ । 'ରୋହମାଏ ବୈନହୁମ୍'– ପରସ୍ପର ମଧ୍ୟରେ ଦୟାଶୀଳ ମନୋଭାବ ରଖିବାର ଉଦାହରଣ ସୃଷ୍ଟି କରିପାରିଲେ ଲୈଲତୁଲ୍ କଦର୍‌ର ପ୍ରକୃତ ଉପକାର ଲାଭ କରିପାରିବା ।

ସୁତରାଂ ଏହି ରମଜାନ୍ ମାସରେ ଆମର ବ୍ୟକ୍ତିଗତ ଅମେଳ ଓ ମନୋମାଳିନ୍ୟକୁ ଅନ୍ତ କରିବାକୁ ହେବ, ଯଦ୍ଦ୍ୱାରା ଏହାର ଲାଭ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମିଳିପାରିବ । ଅଲ୍ଲାଃଙ୍କ ତରଫରୁ ସାମୁହିକ ଭାବେ ମଧ୍ୟ ଏହାର ସୁଫଳ, ଉନ୍ନତି, ପୁରସ୍କାର ଓ ସଫଳତା, ଯାହା କିଛି ଗୋଷ୍ଠିଗତ ରୂପେ ମିଳିବା ଧାର୍ଯ୍ୟ କରାଯାଇଛି, ସେଥିରେ ମଧ୍ୟ ଆମେ ଅଂଶୀଦାର ହୋଇପାରିବା । ଆମକୁ ଏହା ମନେ ରଖିବାକୁ ହେବ ଯେ ଅଲ୍ଲାଃଙ୍କ କରୁଣା ଯେପରି ଅବାରିତ ଭାବେ ବର୍ଷା ହୋଇ ଚାଲିଛି, ସେହି ମାତ୍ରାରେ ଶତ୍ରୁ ଆମର ପ୍ରତିବନ୍ଧକ ସାଜି ଛିଡା ହେବ ଓ ଏବେ ମଧ୍ୟ ଛିଡା ହେଉଛି । ଆମକୁ ବିପଦରେ ପକାଇବାକୁ ଚେଷ୍ଟା କରିବ ଓ କରୁଛି ମଧ୍ୟ । ସେମାନଙ୍କର ଏହି କ୍ରୋଧର ବହ୍ନି କେବଳ କେତେକ ଦେଶରେ ସୀମିତ ହୋଇ ରହିବ ନାହିଁ । ସେମାନଙ୍କ ଇର୍ଷା ପରାୟଣତାର ସେହି ନିଆଁ ଆମ ଉନ୍ନତିକୁ ଅବରୋଧ କରିବା ପାଇଁ ପୂର୍ଣ୍ଣପ୍ରାଣରେ ଚେଷ୍ଟା କରୁଛି ଓ କରୁଥିବ ମଧ୍ୟ । ପ୍ରତ୍ୟେକ ଜାଗାରେ ଆମ କାମକୁ ଭଣ୍ଡୁର କରିବାରେ ସେମାନେ ଅବଶ୍ୟ ଲାଗିବେ । କିନ୍ତୁ ଏହାର କୁପ୍ରଭାବରୁ ବଞ୍ଚିବା ସକାଶେ ଲୈଲତୁଲ୍ କଦର୍ ଆଗମନର ସୁସମ୍ବାଦ ଆମମାନଙ୍କ ପାଇଁ ପ୍ରତୀକ ସାଜିବ । ଜମାଅତ୍‌ର ଉନ୍ନତି ପାଇଁ ଆମେ କରୁଥିବା ଆକୁଳ ପ୍ରାର୍ଥନା ଅଲ୍ଲାଃଙ୍କ ନିକଟରେ ଗୃହୀତ ହେବାର ଶୁଭ ସଂକେତକୁ ଦର୍ଶାଉଛି ।

ତେଣୁ ଯେ ପର୍ଯ୍ୟନ୍ତ ନିଜ ଅବସ୍ଥାରେ ସୁଧାର ଆଣି ଆମ ଜୀବନକୁ ଅଲ୍ଲାଃଙ୍କ ପ୍ରସନ୍ନତା ଅନୁଯାୟୀ ଗଢ଼ି ତୋଳିବାକୁ ପ୍ରୟାସ କରି ଚାଲିଥିବା, ଲୈଲତୁଲ୍ କଦର୍ ଆମ ପାଇଁ ଉପାଦେୟ ସିଦ୍ଧ ହେଉଥିବ । ଜଣେ ଧର୍ମନିଷ୍ଠ ଅହମଦିର ଉଦ୍ଦେଶ୍ୟ,ଚେଷ୍ଟା ଓ ସଦିଚ୍ଛା ଏପରି ହେବା ଉଚିତ ଯେ ଜମାଅତ୍‌ର ଉନ୍ନତି ଉଚ୍ଚ ସ୍ତରରେ ପହଞ୍ଚିଥିବାର ସେ ଦେଖିପାରୁଥିବ,ଯେଉଁ ସ୍ତରରେ ତାହା ପହଞ୍ଚାଇବା ପାଇଁ ଅଲ୍ଲାଃ ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁ ନୀତିକୁ ହଜରତ ମସିହ ମଉଦ[ଅସ] ଆପଣାଇ ଥିଲେ ତାଙ୍କର ଅନୁଗାମୀ ହୋଇଥିବା ଦୃଷ୍ଟିରୁ ଆମେମାନେ ତାହାକୁ ଅନୁସରଣ କରି ଉନ୍ନତିରେ ଭାଗୀଦାର ହେବାକୁ ଚେଷ୍ଟା କରିବା ଉଚିତ । ସେ ନିଜ ଆଗମନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆମକୁ ଦୁଇଟି ନୀତି ଶିଖାଇଛନ୍ତି । ପ୍ରଥମତଃ ଭକ୍ତକୁ ଭଗବାନ ସହିତ ସଂଯୋଗ କରିବା ଓ ଦ୍ୱିତୀୟଟି ହେଉଛି,ଜଣେ ମନୁଷ୍ୟ ଅନ୍ୟ ଜଣେ ମନୁଷ୍ୟ ପ୍ରତି ରହିଥିବା କର୍ତ୍ତବ୍ୟ ସଂପାଦନ କରିବା । ଏହି ଦୁଇଟିଯାକ କାର୍ଯ୍ୟକୁ ତୁଲାଇବା ହେଉଛି ଆମର ଦାୟିତ୍ୱ । ତେଣୁ ନିଜର ଉପାସନାର ମାନରେ ଉନ୍ନତି ଆଣିବା ଓ ମନାନ୍ତର ଜନିତ କଳହକୁ ସମାପ୍ତ କରି ଜଣେ ଅନ୍ୟର କର୍ତ୍ତବ୍ୟ ବୋଧ ପ୍ରତି ଧ୍ୟାନ ଦେବା । ଏହା କଦାପି ସମ୍ଭବ ନୁହେଁ ଯେ ଏଣେ କର୍ତ୍ତବ୍ୟ ପାଳନ କରୁଥିବ ଅଥଚ ନିଜ ଭିତରେ ମନାନ୍ତର ରହିଥିବ ।

ଯଦି ଏହି ନୀତି ଅବଲମ୍ବନ କରିବା,ତା'ହେଲେ ଲୈଲତୁଲ୍ କଦର୍‌ର ଯଥାର୍ଥ ଭାବକୁ ବୁଝିପାରିବା ଓ ଏହାକୁ ହାସଲ ବି କରିପାରିବା । ଏହାର ପରିଚୟ ଦେଇ ହଜରତ ମସିହ ମଉଦ[ଅସ] କହିଛନ୍ତି ଯେ 'ଲୈଲତୁଲ କଦର'ମନୁଷ୍ୟ ଜୀବନରେ ପବିତ୍ରତା ଆଣିବା ପାଇଁ ଏକ ମାହେନ୍ଦ୍ର ବେଳା ରୂପେ ଆସିଥାଏ ।

ଏବେ ମୁଁ ଦ୍ୱିତୀୟ ପ୍ରସଙ୍ଗକୁ ଯିବି । ତାହା ହେଉଛି,'ଜୁମ୍ମତୁଲ୍ ୱେଦା' ଏ ସମ୍ବନ୍ଧରେ ମୁସଲମାନ ମାନଙ୍କ ମଧ୍ୟରେ ଅନେକ ପ୍ରକାର ବିଚିତ୍ର ଧାରଣା ପ୍ରକାଶ ପାଉଛି । ଅଲ୍ଲାଃଙ୍କର ଆମ ପ୍ରତି ଅପାର କରୁଣା ଯେ ଏ ଯୁଗର ଇମାମ୍ ବା ପଥ ପ୍ରଦର୍ଶକଙ୍କୁ ମାନିଥିବା ଯୋଗୁଁ ସେ ଆମକୁ ସମସ୍ତ ପ୍ରକାର ଭ୍ରାନ୍ତ ଧାରଣାରୁ ମୁକ୍ତ କରିଛନ୍ତି । କିନ୍ତୁ ଅନେକ ଅଣ– ଅହମଦି ମୁସଲିମଙ୍କ ଧାରଣା ଯେ ରମଜାନର ଶେଷ ଜୁମାରେ ସାମିଲ ହୋଇଗଲେ ଆମେ ଏଥିପୂର୍ବରୁ ଜାଣିଶୁଣି ଛାଡି ଦେଇଥିବା ନମାଜ ପାଇଁ ଆମକୁ କ୍ଷମା ମିଳିଯିବ । ଅର୍ଥାତ୍ ଆଜିର ଏହି ଗୋଟିଏ ମାତ୍ର ଜୁମା ଖୁତବାଃ ଶୁଣିଦେଲେ ଓ ତା' ସହିତ ଦୁଇ ରକାତ ନମାଜ ପଢିଦେଲେ ଆମର ପୂର୍ବକୃତ ସମସ୍ତ ଖରାପ କର୍ମ ଜନିତ ପାପ ଧୋଇ ହୋଇଯିବ । ଏହି ପବିତ୍ର ମାସରେ ଜଣେ ମନୁଷ୍ୟ ପ୍ରତି ଅଲ୍ଲାଃଙ୍କର ଯେଉଁସବୁ ବିଶେଷ କୃପା ଓ ଅନୁଗ୍ରହ ରହିଛି,ଏହି ଜୁମା ପଢିବା ଦ୍ୱାରା ସେଗୁଡିକର ପ୍ରତିବଦଳ ଅଲ୍ଲାଃଙ୍କୁ ମିଳିଯିବ ।

କିନ୍ତୁ ଏହା ସବୁବେଳେ ମନେ ରଖ,ଏହି ଜୁମା ଏଥିପାଇଁ ଆସିନାହିଁ ଯେ ଆମେ ଏହାକୁ ପଢିଦେଇ ରମଜାନକୁ ବିଦାୟ ଦେବା ବା ଜଳାଞ୍ଜଳି ଦେବା । ବରଂ ଏଥିପାଇଁ ଯେ ଆମେ ସବୁବେଳେ ଏଥିରୁ ଫାଇଦା ଉଠାଇ ନିଜ ହୃଦୟ ମଧ୍ୟରେ ସାଇତି ରଖିବା । ଜୁମା ବା ସାପ୍ତାହିକ ସମବେତ ନମାଜକୁ ହଜରତ ମୁହମ୍ମଦ[ସଅ] ମୁସଲମାନ ପାଇଁ ଏକ ଇଦ୍‌ର ଆଖ୍ୟା ଦେଇଛନ୍ତି । ଜୁମା ଦିନ ମଧ୍ୟରେ ଏପରି ଏକ ଶୁଭବେଳା ମଧ୍ୟ ଉପସ୍ଥିତ ହୁଏ, ଯେତେବେଳେ ଆମର ସମସ୍ତ ପ୍ରାର୍ଥନା ବିଶେଷ ଭାବରେ ଗୃହୀତ ହୁଏ । ଏହି କଥାକୁ ଧ୍ୟାନରେ ରଖି ତହିଁରୁ

ଆମେ ଲାଭାନ୍ୱିତ ହେବା ଉଚିତ୍ । ଜଣେ ଅହମଦି ପକ୍ଷେ ଏପରି ଭାବନା ରଖି ମସଜିଦକୁ ଆସିବା ଆଦୌ ଉଚିତ ହେବ ନାହିଁ ଯେ ସେ ଅଲ୍ଲାଃତାଲାଙ୍କୁ କହିବ,'ତୁମେ ରମଜାନ ରୂପରେ ଯେଉଁ ବିପଦ ଆମ ଉପରେ ପକାଇଥିଲ,ଯା'ହେଉ ଆଜି ତାହା ଟଳିଗଲା । ତୁମକୁ ଧନ୍ୟବାଦ ଦେଉଛି ଯେ ଏ ବିପତ୍ତିକୁ ଆମଠାରୁ ଦୂରେଇ ଦେଲ' । ଏ କଥା ନ କହି ବରଂ ଏପରି କହିବା ଉଚିତ ଯେ ଆମେ ତୁମ୍ଭ ନିକଟରେ ଏହି ପ୍ରାର୍ଥନା କରିବାକୁ ଏଠାକୁ ଆସିଛୁ,ରମଜାନ୍ ତ ଏଇ ତିନି ଚାରି ଦିନ ମଧ୍ୟରେ ଅପସରି ଯିବ,ମାତ୍ର ହେ ପ୍ରଭୁ !ରମଜାନ୍‌ର ବାସ୍ତବ ଛବି ଆମ ହୃଦୟରେ ଅଙ୍କିତ କର ଓ ଆମେ ଏହି ପବିତ୍ର ମାସରେ କରିଥିବା ସମସ୍ତ ଉପାସନା ତଥା ସବୁ ପ୍ରକାର ସତ୍‌କର୍ମକୁ ଆମ ହୃଦୟରେ ସାଇତି ରଖ । ଆମ ଦ୍ୱାରା ଅର୍ଜିତ ପୁଣ୍ୟ କର୍ମକୁ ଆମ ଠାରୁ ଛିନ୍ନ କର ନାହିଁ । ଏହି ଦୃଷ୍ଟିକୋଣରୁ ଜୁମାର ମହିମା ଗାନ କଲେ ପ୍ରକୃତ ଉପକାର ମିଳିବ । ତିନି ଚାରି ଦିନ ପରେ ରମଜାନ ଚାଲିଯିବ ସିନା କିନ୍ତୁ ଆମର ଏହି ମାସରେ ଅର୍ଜିତ ପୁଣ୍ୟକୁ କେବେ ଭୁଲିଯିବା ନାହିଁ । ଯଦି ବାପ ପୁଅ ଠାରୁ କିମ୍ବା ପୁଅ ମାଆ ଠାରୁ ଅଥବା ଭାଇ ଭାଇ ଠାରୁ ଅଲଗା ହୋଇଯା'ନ୍ତି ,ତା'ହେଲେ ସେଥିରେ କେହି ଖୁସି ହୁଅନ୍ତି ନାହିଁ । ଶତ୍ରୁଠାରୁ ଅଲଗା ହେଲେ ହିଁ ସର୍ବଦା ଖୁସି ଅନୁଭବ କରାଯାଏ । ସେହିପରି ରମଜାନ ଅଲଗା ହୋଇଗଲେ ଜଣେ ମୋମିନ୍ ବା ଧର୍ମପରାୟଣ ବ୍ୟକ୍ତି କଦାପି ଖୁସି ହୋଇପାରିବ ନାହିଁ । କେହି ଏପରି ବ୍ୟକ୍ତି ଅଛି ଯେ କି ଉନ୍ନତି ଓ ଆଶୀଷ ଠାରୁ ଅଲଗା ରହି ଆନନ୍ଦିତ ହେବ ? ସେହି ବ୍ୟକ୍ତି ହତଭାଗା ଯେ ଏହି ଉନ୍ନତିରୁ ବଞ୍ଚିତ ହୋଇ ଖୁସି ଅନୁଭବ କରିବ । ଅତଏବ ଆଜି ପ୍ରତ୍ୟେକ ବ୍ୟକ୍ତି ପ୍ରଭୁଙ୍କ ଠାରେ ଏହି ଦୁଆ କରିବା ଉଚିତ ଯେ ସେ ଏହି ଶୁଭ ଦିନଗୁଡିକ ସବୁଦିନ ପାଇଁ ଆମ ସହିତ ସଂଶ୍ଳିଷ୍ଟ କରିଦିଅନ୍ତୁ ଏବଂ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ରମଜାନ ଠାରୁ ବିଚ୍ଛେଦ ହୋଇ ନ ରହୁ ।

ଆମକୁ ସର୍ବଦା ଚିନ୍ତା କରିବା ଉଚିତ୍ ଯେ ରମଜାନର ପବିତ୍ର ଦିନଗୁଡିକରେ କୋରାନ ବାଣୀ ଅବତୀର୍ଣ୍ଣ ହୋଇଥିଲା । ଯଦି ଏହି ଦିବ୍ୟ ପ୍ରକଟନ ଅବତୀର୍ଣ୍ଣ ହେବା ବନ୍ଦ ହୋଇଯିବ, ତା'ହେଲେ ସେହି ଦିନଗୁଡିକ ଆଉ ଶୁଭମୟ ବା ଆଶୀଷଦାୟକ ହୋଇ ରହିବ ନାହିଁ । ତେଣୁ ଜଣେ ମୋମିନ୍ (ଧର୍ମ ବିଶ୍ୱାସୀ)ଙ୍କ କର୍ତ୍ତବ୍ୟ ହେଉଛି ଯେ କୋରାନ୍ ଶିଖିବା ଓ ଆବୃତ୍ତି କରିବା ଉପରେ ସେ ସର୍ବଦା ଗୁରୁତ୍ୱାରୋପ କରୁ । ଏପରିକି ବର୍ଷସାରା କୋରାନ ପାଠ କରିବା ସହିତ ବର୍ଷସାରା କୋରାନ୍ ଶିକ୍ଷା ଉପରେ ଅମଳ କରିବା ଉଚିତ୍ । ପବିତ୍ର ମାସରେ କୋରାନର ଦିବ୍ୟ ବାଣୀ ଅବତୀର୍ଣ୍ଣ ହେବାର ଅସଲ ଉଦ୍ଦେଶ୍ୟ ସେତେବେଳେ ଯାଇ ପୂରଣ ହେବ, ଯେତେବେଳେ ଆମେମାନେ ଏହାକୁ ନିଜ ଜୀବନର ଅଂଶବିଶେଷ କରିପାରିବୁ । ନିଜ ହୃଦୟ ମଧ୍ୟରେ ଏହି ଦିବ୍ୟ ଜ୍ୟୋତିକୁ ଅବତରଣ କରି ପୁଣି ଏହି ଆଲୋକକୁ ପ୍ରାଣ ଭିତରେ ଏପରି ସୁରକ୍ଷିତ କରି ରଖିଥିବା ଯେ ଜୀବନର ପ୍ରତ୍ୟେକ ମୋଡରେ ଏହା ଆମକୁ ମାର୍ଗଦର୍ଶନ କରୁଥିବ । ଅଲ୍ଲାଃ କରନ୍ତୁ, ଯେଉଁ ଦୁଇଟି ବିଷୟରେ ମୁଁ ଆଜି ଆଲୋକପାତ କଲି, ସେହି ଦିଗ ପ୍ରତି ଆମମାନଙ୍କ ଧ୍ୟାନ ସର୍ବଦା ନିବିଷ୍ଟ ହୋଇ ରହିଥାଉ । ଏହାର ବାସ୍ତବିକତାକୁ ଆମେ ହୃଦୟଙ୍ଗମ କରୁ । ଆମମାନଙ୍କ ଲୈଲତୁଲ କଦର୍ ଆମକୁ ସଫଳତାର ଶୀର୍ଷ ସ୍ଥାନକୁ ନେଇଯାଉ । ଏହାକୁ ପ୍ରକୃତ ଅର୍ଥରେ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ସକ୍ଷମ ହେଉଥାଉ । ଏହି ଜୁମାକୁ ଅନ୍ୟ ମୁସଲମାନଙ୍କ ପରି ଆମେ 'ଜୁମ୍ମତୁଲ୍ ୱେଦା' ନ କହି ରମଜାନ୍ ମାସର ଶେଷ ଜୁମା କହିଲେ ଭଲ ହେବ । ଏହି ରମଜାନ ନିଜ ଆଶୀର୍ବାଦ ଓ କଲ୍ୟାଣରୁ ଆମକୁ ବିଦାୟ ନ ଦେଉ । ବରଂ ଏହାର ମହିମା ଓ ଉନ୍ନତି ଆମ ଜୀବନକୁ ସମୃଦ୍ଧିଶାଳୀ କରୁ । ସେହିପରି ପବିତ୍ର କୋରାନ୍ ଅବତୀର୍ଣ୍ଣ ହେବାର ଆଭିମୁଖ୍ୟକୁ ବୁଝି ଏହାର ଶିକ୍ଷାର ପ୍ରଚାର ଓ ପ୍ରସାର ଭଳି ମହାନ ଲକ୍ଷ୍ୟ ପୂରଣ କରିବାରେ ଆମେ ସବୁବେଳେ ସଫଳ ହେଉଥାଉ ।

ଯେପରି ମୁଁ ଆଗରୁ କହିଛି, ପାଲେଷ୍ଟାଇନ୍‌ର ମୁସଲମାନମାନଙ୍କ ଅବସ୍ଥା ଏବେ ଅତି ଶୋଚନୀୟ ହୋଇପଡିଛି । ସେମାନେ ସେହି କଷ୍ଟକର ପରିସ୍ଥିତିରୁ ମୁକୁଳିବା ପାଇଁ ଅଲ୍ଲାଃଙ୍କ ନିକଟରେ ବିଶେଷ ପ୍ରାର୍ଥନା କରନ୍ତୁ । ସେମାନଙ୍କ ଜୀବନ ନିର୍ବାହ ସହଜସାଧ୍ୟ ହେଉ ଓ ସେମାନେ ଏହି ଦୁର୍ଦ୍ଦଶାରୁ ଶୀଘ୍ର ମୁକ୍ତି ଲାଭ କରନ୍ତୁ ।

ହଜୁର[ଅବ] ଖୁତବାଃ ଶେଷରେ କହିଲେ ଯେ ଜୁମା ନମାଜ ପରେ ଏକ ଜନାଜାଃ ଗାଏବ ବା ପରୋକ୍ଷ ଜନାଜାଃ ପଢାଇବି । ତାହା ହେଉଛି ନୟିମୁଲ୍ଲା ଖାନ୍ ସାହେବଙ୍କର । ସେ କିର୍‌ଗିଜିସ୍ତାନ୍‌ର ବାସିନ୍ଦା ଥିଲେ । 21 ଜୁଲାଇ 2014 ଦିନ ହୃଦଘାତରେ ଆକ୍ରାନ୍ତ ହୋଇ 61 ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ସେ କିର୍‌ଗିଜିସ୍ତାନ୍ ଦେଶର ଜାତୀୟ ଉପ-ସଭାପତି ଥିଲେ ଏବଂ ଜମାଅତ୍ ଅହମଦୀୟା ପାଇଁ ଅସାଧାରଣ ସେବା କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ । କିରଗିଜିସ୍ତାନ୍ ମିଶନ୍ ହାଉସ୍ କ୍ରୟ କରି ସେଠାରେ ଜମାଅତ୍ ସ୍ଥାପନ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ସ୍ୱର୍ଗତ ନୟିମୁଲ୍ଲା ଖାନ୍‌ଙ୍କ ଆତ୍ମାର ସଦ୍‌ଗତି ତଥା ତାଙ୍କ ପରିବାର ବର୍ଗଙ୍କୁ ଖିଲାଫତ୍‌ର ଅନୁରକ୍ତ ହେବା ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । ସେ କରିଯାଇଥିବା ସତ୍‌କର୍ମ ତାଙ୍କ ସନ୍ତାନ ସନ୍ତତି ମଧ୍ୟ ଅନୁକରଣ କରନ୍ତୁ । ସେଥିପାଇଁ ସମସ୍ତଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି,ଓଡିଶା**

Our Website: www.alislam.org